୧୦/୦୧/୧୯୯୩

# ବିଜୁବାବୁ ଆତ୍ମ ସମୀକ୍ଷା କରନ୍ତୁ

## ଆମ ଘରର ହାଲ୍‌ଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

ଗତ ସାତଦିନ ହେବ ବିଜୁବାବୁ ଓଡ଼ିଶାକୁ ଯେପରି ଭାବରେ ରାଜନୈତିକ ଅନିଶ୍ଚିତତା ଓ ପ୍ରଶାସନିକ ଅଚଳାବସ୍ଥା ଭିତରକୁ ଠେଲି ଦେଇଛନ୍ତି ତାହାକୁ ଓଡ଼ିଶାବାସୀ କେବେହେଲେ କ୍ଷମା କରିବେନାହିଁ । କାରଣ ଓଡ଼ିଶାର ଜନସାଧାରଣ ଗତ ୩ ବର୍ଷ ତଳେ ଯେତେ ସମର୍ଥନ ବିଜୁବାବୁଙ୍କୁ ଏବଂ ତାଙ୍କ ଜନତା ଦଳକୁ ଦେଇଥିଲେ ଓଡ଼ିଶା ଇତିହାସରେ ଏତେ ପରିମାଣରେ ସମର୍ଥନ ଆଉ କେହି ଅତୀତରେ ପାଇ ନ ଥିଲେ; ଭବିଷ୍ୟତରେ ମଧ୍ୟ ଏପରି ସମର୍ଥନ କିଏ ପାଇପାରିବେ କି ନାହିଁ ସନ୍ଦେହ । ତେବେ ଆଜିର ଏ ଅନିଶ୍ଚିତତା ଓ ଅଚଳାବସ୍ଥା କାହିଁକି ? ଏଥିପାଇଁ ଦାୟୀ କିଏ?

ଅବଶ୍ୟ ଇଂରାଜୀରେ ପ୍ରବାଦ ଅଛି, People get the Government, they deserve ଅର୍ଥାତ୍ ଯେମିତି ପ୍ରଜାକୁ ସେମିତି ରଜା । ଆଜି କିନ୍ତୁ ସକଳ ବିନମ୍ରତାର ସହିତ କହିବାକୁ ପଡୁଛି ଯେ ଓଡ଼ିଶାର ପ୍ରଜା ବିଜୁବାବୁଙ୍କ ପରି ରଜାଙ୍କୁ ଆଉ ଦରକାର କରୁନାହାନ୍ତି । ବିଜୁବାବୁଙ୍କର ଖାମଖିଆଲି କାରବାର, ତୋଗଲକୀ ଶାସନ ଓ ହାମ୍‌ବଡା ନୀତି ପାଇଁ ଓଡ଼ିଶାବାସୀ ବହୁ ମୂଲ୍ୟ ଦେଲେଣି, ଆଉ ନୁହେଁ । ତିନିବର୍ଷ ତଳେ କେହି ହୁଏତ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିବେ ଯେ ବିଜୁବାବୁଙ୍କୁ ତାଙ୍କର ସହଯୋଗୀ ମନ୍ତ୍ରୀ ଏବଂ ବିଧାୟକମାନେ ଖୋଲାଖୋଲି ଭାବେ ସମାଲୋଚନା କରିବେ, ତାଙ୍କର ନିର୍ଦ୍ଦେଶକୁ ଉପେକ୍ଷା କରିବେ । ଆଜି କିନ୍ତୁ ମୁଖ୍ୟମନ୍ତ୍ରୀ ଜାଣିପାରୁ ନାହାନ୍ତି ବା ଜାଣି ମଧ୍ୟ ସ୍ୱୀକାର କରିବାକୁ ପ୍ରସ୍ତୁତ ହେଉନାହାନ୍ତି ଯେ ତାଙ୍କ ମନ୍ତ୍ରିମଣ୍ଡଳରେ ଅଧିକାଂଶ ମନ୍ତ୍ରୀ ରହିବା ପାଇଁ ଚାହୁଁ ନାହାନ୍ତି । ସହଯୋଗୀ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେଲେ ମଧ୍ୟ ସେମାନେ ତାହା ନେଉନାହାନ୍ତି କି ଅନ୍ୟ କାହାକୁ କାମ କରିବା ପାଇଁ ଦେଉନାହାନ୍ତି । ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଏକ ସାଙ୍ଗରେ ଇସ୍ତଫା ଦେବାପାଇଁ ଦୁଇଦିନ ତଳେ କହିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁନାହାନ୍ତି କି ମାନୁ ନାହାନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ୨୩ ଜଣ ମନ୍ତ୍ରୀଙ୍କର ଇସ୍ତଫା ପ୍ରଦାନ ପରେ ମଧ୍ୟ କହୁଛନ୍ତି ଯେ ତାଙ୍କ ମନ୍ତ୍ରିମଣ୍ଡଳରେ କୌଣସି ସଙ୍କଟ ନାହିଁ । ଓଡ଼ିଶାରେ କିନ୍ତୁ ଆଜି ଯେଉଁ ପ୍ରକାର ରାଜନୈତିକ ସଙ୍କଟ ଦେଖାଦେଇଛି ତାର ପଟାନ୍ତର ନାହିଁ । ଅଭୂତପୂର୍ବ ଜନସମର୍ଥନ ହାସଲ କରି ଶତକଡ଼ା ୮୦ ଭାଗ ବିଧାୟକଙ୍କ ସମର୍ଥନ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଆଜି ଦୁର୍ବଳ ଏବଂ ଅସହାୟ । ତାଙ୍କର କାମ କରିବାର ଶୈଳୀ ତାଙ୍କର ସହଯୋଗୀମାନଙ୍କ ମନକୁ ପାଉନାହିଁ । ଅର୍ଥାତ୍ ସିଧାସଳଖ ନ କହି ସହଯୋଗୀମାନେ କହିବା ପାଇଁ ଚାହିଁଲେଣି ଯେ ବିଜୁବାବୁଙ୍କର ବୟସ ବହୁତ ହୋଇଗଲାଣି, ସ୍ୱାଭାବିକ ଭାବେ ବୟସାଧିକ୍ୟ ଯୋଗୁ ତାଙ୍କର ମାନସିକ ଭାରସାମ୍ୟ ରହୁନାହିଁ । ଅଯଥା ଦଳ ଓ ସରକାର ନିନ୍ଦିତ ହେଉଛନ୍ତି ।

ଜନତା ଦଳର ମନ୍ତ୍ରୀ ଓ ବିଧାୟକମାନଙ୍କ ମଧ୍ୟରେ ଥିବା ଗୋଷ୍ଠୀ କନ୍ଦଳ ଏବଂ ସେମାନଙ୍କର ବ୍ୟକ୍ତିଗତ ସନ୍ତୋଷ ଓ ଅସନ୍ତୋଷ ଦଳର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବ୍ୟାପାର । ସେ ନେଇ ଆମର କିଛି କହିବାର ନାହିଁ । କିନ୍ତୁ ଏକ ସ୍ଥିର ଏବଂ ପ୍ରଭାବଶାଳୀ ସରକାର ଆଶା କରିବା ଓଡ଼ିଶାର ଜନସାଧାରଣଙ୍କର ମୌଳିକ ଏବଂ ନୈତିକ ଅଧିକାର । ତେଣୁ ବିଜୁବାବୁ ଆଉ କାଳ ବିଳମ୍ବ ନ କରି ନିଜର ଆତ୍ମ ସମୀକ୍ଷା କରନ୍ତୁ, ନିଜ ଦଳକୁ ସମ୍ଭାଳନ୍ତୁ ଏବଂ ଆବଶ୍ୟକ ନେତୃତ୍ୱ ଦିଅନ୍ତୁ । ଥରେ ଭାବାବେଗରେ ଆସି ଓଡ଼ିଶାବାସୀ ତାଙ୍କୁ ବିପୁଳ ସମର୍ଥନ ଦେଇଛନ୍ତି ବୋଲି ସେମାନଙ୍କ ସମର୍ଥନକୁ ନେଇ ଆଉ ଖେଳନ୍ତୁ ନାହିଁ । ଯଦି ନିଜର ମାନସିକ ଭାରସାମ୍ୟ ରହୁନାହିଁ, ତେବେ ସସମ୍ମାନେ ଦାୟିତ୍ୱରୁ ଅବ୍ୟାହତି ନେଇ ବିକଳ୍ପ ନେତୃତ୍ୱ ପାଇଁ ପଥ ପରିଷ୍କାର କରନ୍ତୁ । ଓଡ଼ିଶା ତାଙ୍କୁ ସବୁଦିନ ପାଇଁ ସମ୍ମାନ ଦେବ ଓ ସ୍ମରଣ କରିବ । ନ ହେଲେ ମୋ ଅନ୍ତେ ସର୍ବନାଶ ବୋଲି ଭାବୁଥିବା ଫ୍ରାନ୍ସର ଲୁଇଙ୍କ ପରି ବିଜୁବାବୁ ଓଡ଼ିଶାର ସର୍ବନାଶ କରିବସିବେ ।